# ତହସିଲଦାରଙ୍କ ଅଦାଲତ, କେନ୍ଦୁଝର

**ରାଜସ୍ୱ ବିବିଧ ମାମଲା ସଂଖ୍ୟା ୧୫୬/୨୦୨୫**

## ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନ ତଫସିଲଭୁକ୍ତ ସରକାରୀ ଜମିକୁ ବ୍ଲକ ଶିକ୍ଷା ଅଧିକାରୀ, କେନ୍ଦୁଝର ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ, ଓଡିଶା ସରକାରଙ୍କ ନାମେ ( ସରକାରୀ ପ୍ରାଥମିକ ବିଦ୍ୟାଳୟ, ଧନୁର୍ଜୟପୁର) ବନ୍ଦୋବସ୍ତ କରିବା ନିମନ୍ତେ ଆବେଦାନ କରିଛନ୍ତି । ଯେହେତୁ ଏହି ଜମିଗୁଡିକ ର କିସମ ଟୈଲ- ୧ ଏବଂ ବାଜେଫସଲ - ୨ ରହିଅଛି , ଏହାର କିସମ ପତିତକୁ ପରିବର୍ତ୍ତନ କରାଯାଇ ଏହି ସରକାରୀ ଜମିକୁ ସେହି ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ଉକ୍ତ ସଂସ୍ଥା ନାମେ ବନ୍ଦୋବସ୍ତ କରାଯିବା ପାଇଁ ସ୍ଥିର ହୋଇଛି। ଉକ୍ତ ସରକାରୀ ଜମିକୁ ସେହି ଉଦ୍ଦେଶ୍ୟ ରେ ପରିବର୍ତ୍ତନ କରାଗଲେ, ଯଦି କୌଣସି ବ୍ୟକ୍ତି ବିଶେଷ/ ସଂପୃକ୍ତ ଗ୍ରାମବାସୀ/ ସଂପୃକ୍ତ ଗ୍ରାମ ପଞ୍ଚାୟତଙ୍କର  କୌଣସି ଆପତ୍ତି ଅଭିଯୋଗ ଥାଏ, ତାହା ହେଲେ ସେ/ ସେମାନେ ଏହି ଇସ୍ତାହାର ପ୍ରକାଶନର ୨୦ ଦିନ ମଧରେ ସେମାନଙ୍କର ଆପତ୍ତି ଅଭିଯୋଗ ଲିଖିତ ଆକାରରେ ଟ. ୨୦.୦୦ଙ୍କା (କୋଡିଏ ଟଙ୍କା) ର କୋର୍ଟ ଫି ସଂଲଗ୍ନ କରି ନିମ୍ନ ସ୍ୱାକ୍ଷରକରୀଙ୍କୁ ଦରଖାସ୍ତ କରିପାରିବେ ଏବଂ ତାହା ବିଚାର ପାଇଁ ଗ୍ରହଣ ଯୋଗ୍ୟ ହେବ । ନିର୍ଦ୍ଧାରିତ ସମୟ ପରେ କୌଣସି ଆପତ୍ତି ଦରଖାସ୍ତ ବିଚାର ପାଇଁ ଯୋଗ୍ୟ ବିବେଚିତ ହେବ ନାହିଁ ।

### ତଫସିଲ

### ମୌଜା- ଧନୁର୍ଜୟପୁର

| ଖାତା ନଂ. | ପ୍ଲଟ ନଂ. | କିସମ | ପ୍ରସ୍ତାବିତ କିସମ | ମୋଟ ରକବା (ଏକରରେ) | ପ୍ରସ୍ତାବିତ ଜମିର ରକବା (ଏକରରେ) |
|---|---|---|---|---|---|
| ୬୪ (ଆବାଦ ଯୋଗ୍ୟ ଅନାବାଦି) | ୫୪୬ | ଟୈଲ- ୧ | ପତିତ | ୦.୩୦୦ | ୦.୧୮୦ |
| | ୫୪୨ | ବାଜେଫସଲ- ୨ | ପତିତ | ୦.୪୨୦ | ୦.୧୭୦ |
| **ମୋଟ:** | **୨ଟି ପ୍ଲଟ** | | | **୦.୭୨୦** | **୦.୩୫୦** |

ତହସିଲଦାର, କେନ୍ଦୁଝର

ତହସିଲଦାର
କେନ୍ଦୁଝର

ଏହାର ଏକକିତା ନକଲ ସଂପୃକ୍ତ ଗ୍ରାମର ପ୍ରକାଶ୍ୟ ସ୍ଥାନରେ ଧେଣ୍ଡୁରା ସହ/ ଅନ୍ୟ ଏକକିତା ସଂପୃକ୍ତ ପଞ୍ଚାୟତ କାର୍ଯ୍ୟାଳୟର/ ଅନ୍ୟ ଏକକିତା ତହସିଲ କାର୍ଯ୍ୟାଳୟ, କେନ୍ଦୁଝର ଏବଂ District Website: https://keonjhar.odisha.govt.in ରେ ପ୍ରକାଶନ ପାଇଁ ପ୍ରେରିତ ହେଲା ।

ତହସିଲଦାର, କେନ୍ଦୁଝର

ତହସିଲଦାର
କେନ୍ଦୁଝର